# Akashvani, Sambalpur

## SAMBALPURI NEWS EVENING BULLETIN

**5 September 2024- 7.02 pm- 7.12 pm.**

*********************************************

୧- ଭାରତ୍ ବର୍ଷର୍ ଗୁରୁଶିଷ୍ୟ ପରମ୍ପରାକେ ଉଜ୍ଜିବିତ୍ ରଖିବାର୍ ଲାଗି ଦେଶେ ଆଏଜ୍ ପାଲନ୍ କରାଯାଉଛେ ଗୁରୁଦିବସ୍ ।

- ଶିକ୍ଷା କ୍ଷେତ୍ର ନ ଉଲ୍ଲେଖନୀୟ କାମ୍ ଲାଗି ୮୨ ଝନ୍ ଶିକ୍ଷକଙ୍କୁ ସମ୍ମାନିତ୍ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ଶିକ୍ଷା ବ୍ୟବସ୍ଥାର୍ ଢାଂଚା ତିଆର୍ କର୍‌ବାର୍‌କେ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ- କହେଲେ ମୁଖ୍ୟମନ୍ତ୍ରୀ ।

୩- ଡାକ୍ତର୍‌ମାନ୍‌କର୍ ସୁରକ୍ଷା ଲାଗି ଗଠନ୍ କରାଯାଇଛେ ଟାସ୍କଫୋର୍ସ - ବିଧାନ୍‌ସଭା ନ କହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ଆଏଜ୍ ଲଘୁଚାପ୍ ସୃଷ୍ଟିର୍ ସମ୍ଭାବନା ।

- ରାଏଜେ ଜବର୍ ବର୍ଷା ହେବା ବଲି ୧୮ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି ।

ରାଷ୍ଟ୍ରପତି- ଗୁରୁଦିବସ୍          ଆର୍‌ଏନ୍‌ୟୁ/ସମ୍ବଲପୁର

ଭାରତ୍‌ବର୍ଷର ଗୁରୁଶିଷ୍ୟ ପରମ୍ପରାକେ ଉଜ୍ଜିବିତ ରଖ୍‌ବାର୍ ଲାଗି  ଦେଶେ ଆଝିର୍ ଦିନ୍‌କେ ଗୁରୁଦିବସ୍ ଭାବେ ପାଲନ୍ କରାଯାଉଛେ । ଦେଶର୍ ଦ୍ୱିତୀୟ ରାଷ୍ଟ୍ରପତି, ରାଷ୍ଟ୍ରନୀତିଜ୍ଞ ଆଉ ଶିକ୍ଷାବିତ୍ ସର୍ବପଲ୍ଲୀ ଡକ୍ଟର୍ ରାଧାକ୍ରିଷ୍ଣନ୍‌ଙ୍କର୍ ଜୟନ୍ତୀଥି ଇ ଦିବସ୍ ପାଲନ୍ କରାଯାଉଛେ ।

ଗୁରୁଦିବସ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ଶିକ୍ଷା କ୍ଷେତ୍ରଥି ଭଲ୍ କାମ୍ କରିଥିବା ୮୨ ଝନ୍ ଶିକ୍ଷକ୍‌ଙ୍କୁ ସମ୍ମାନିତ୍ କରିଛନ୍ । ସେମାନ୍‌କର୍ ଭିତ୍‌ରେ ବିଦ୍ୟାଳୟ ବିଭାଗ୍ ନ ୫୦ ଝନ୍, ଉଚ୍ଚଶିକ୍ଷା ବିଭାଗ ଆଉ କୌଶଲ୍ ବିକାଶ୍ ଆର୍ ଉଦ୍ୟମିତା ମନ୍ତ୍ରଣାଳୟର୍ ୧୬ ଝନ୍ ଲେଖା ଶିକ୍ଷକଙ୍କୁ ସମ୍ମାନିତ୍ କରାଯାଇଛେ ।  ସମାରୋହଥି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉଦ୍‌ବୋଧନ୍ କରିକରି କହିଛନ୍ ଯେ,
(ଭଏସ୍ ଓଭର୍-୧-ରାଷ୍ଟ୍ରପତି)

ପ୍ରଧାନ୍‌ମନ୍ତ୍ରୀ-ଦକ୍ଷତା ବିକାଶ୍ ପ୍ରଶିକ୍ଷାର୍ଥୀ          ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଙ୍ଗାପୁର୍ ଗସ୍ତ ଅବ୍‌ସରେ ଦକ୍ଷତା ବିକାଶ୍ ତାଲିମ୍ ନଉଥିବା ପ୍ରଶିକ୍ଷାର୍ଥୀ ମାନ୍‌କର୍ ସାଙ୍ଗେ

ଆଲୋଚନା କରିଛନ୍ । ଇ ଅବ୍‌ସରେ ସେ ଓଡ଼ିଶାର୍ ବିଶ୍ୱ ଦକ୍ଷତା ବିକାଶ୍ କେନ୍ଦ୍ରର୍ ପ୍ରଶିକ୍ଷାର୍ଥୀଙ୍କର୍ ସାଙ୍ଗେ ମତ ବିନିମୟ କରିଛନ୍ । ଇତାର୍‌ଛଡ଼ା ସିଙ୍ଗାପୁର୍ ଇଣ୍ଡିଆ ଟେଲେଂଟ୍ କାର୍ଯ୍ୟକ୍ରମ୍‌ର ଅଂଶବିଶେଷ୍ ଭାବେ ଭାରତ୍ ଗସ୍ତ୍‌ଥି ଆସିଥିବା ସିଙ୍ଗାପୁର୍‌ର ପ୍ରଶିକ୍ଷାର୍ଥୀମାନ୍‌କର୍ ସାଙ୍ଗେ ଭିଲ୍ ମତ ବିନିମୟ କରିଛନ୍ । ଇ ସାକ୍ଷାତ୍‌କେ ଗୁଟେ ଚମତ୍କାର୍ ଅନୁଭୂତି ଥିଲା ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି ଲେଖିଛନ୍ ।

ରାଜ୍ୟସ୍ତରୀୟ ଗୁରୁଦିବସ୍ ଉତ୍ସବ     ସୂଚନା ଲୋକସମ୍ପର୍କ ବିଭାଗ୍

ରାଜ୍ୟ ସର୍‌କାର୍ ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ଶିକ୍ଷା ବ୍ୟବସ୍ଥାର୍ ଢାଂଚା ତିଆର୍ କର୍‌ବାର୍‌କେ ପ୍ରତିଶ୍ରୁତବଦ୍ଧ ଆର୍ ସର୍‌କାର୍ ଦର୍‌କାରୀ ପଦକ୍ଷେପ୍ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ନ ରାଜ୍ୟସ୍ତରୀୟ ଗୁରୁଦିବସ୍ ଉତ୍ସବ୍ ଆଉ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ୍‌ଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ,

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

ଶିକ୍ଷକ୍ ଖାଲି ବିଦ୍ୟାର୍ଥୀ ମାନ୍‌କର୍ ଭବିଷ୍ୟତ୍ ନିର୍ମାଣ୍ ନାଇଁ କରନ୍, ସେମାନେ ପୁରା ସମାଜ୍‌ର ଭବିଷ୍ୟତ୍ ତିଆରି କର୍‌ସନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଏଜେ ଡ୍ରପ୍ ଆଉଟ୍ ହାର କମାବାର୍ ଲାଗି ରାଜ୍ୟ ସର୍‌କାର୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବେ ବଲି ସୂଚ୍‌ନା ଦେଇକରି କହିଛନ୍ ଯେ, ଇଥି ୩ ଲାଖ୍ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହେବେ । ଇତାର୍‌ସହେତେ ଗୁଣାତ୍ମକ ଶିକ୍ଷା ଲାଗି ରାଜ୍ୟ ସର୍‌କାର୍ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜ୍‌ନା କାର୍ଯ୍ୟକାରୀ କର୍‌ବେ । ଇଥି ଫି' ପଂଚାୟତ୍ ନ ଗୁଟେ ଲେଖା ବିଦ୍ୟାଳୟକେ ଆଦର୍ଶ ବିଦ୍ୟାଳୟ କରାଯିବା ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍, ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତି ଓଡ଼ିଶା ଆଦର୍ଶ ବିଦ୍ୟାଳୟର୍ ୧୦ ଆଉ ୧୨ ବୋର୍ଡ଼ର ଶ୍ରେଷ୍ଠ ବିଦ୍ୟାର୍ଥୀ ଆଉ ଉଚ୍ଚମାଧ୍ୟମିକ ବୋର୍ଡ଼ର ୩ ଶହ ୯୧ ଝନ୍ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଇତାର୍‌ଛଡ଼ା ଆଭାସୀ ଜରିଏ ମୁଖ୍ୟମନ୍ତ୍ରୀ ୩୦ ଟା ଜିଲ୍ଲାର୍ ୪୪ ହଜାର୍ ୭ ଶହ ୨୮ ଝନ୍ ବିଦ୍ୟାର୍ଥୀଙ୍କୁ ପୁରସ୍କାର୍ ଦେଇଥିଲେ । ରାଜ୍ୟସ୍ତର୍‌ଥି ୨ ଶହ ୮୭, ଜିଲ୍ଲା ସ୍ତର୍ ନ ୩ ହଜାର୍ ଶହେ ୨୮, ବ୍ଲକ୍ ସ୍ତର୍ ନ ୩୨ ହଜାର୍ ୨ ଶହ ୮ ଆର୍ ମହାନଗର୍ ନିଗମ୍ ସ୍ତର୍ ନ ୧ ହଜାର୍ ୯ ଶହ ୩ ଝନ୍ ବିଦ୍ୟାର୍ଥୀଙ୍କୁ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର୍ ଦିଆଯାଇଥିଲା ।

ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଗଣଶିକ୍ଷା ବିଭାଗ୍ ତର୍‌ଫୁ ପ୍ରକାଶିତ୍ ଭିନ୍ ଭିନ୍ ପୁସ୍ତିକା ଉନ୍ମୋଚନ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ ସମ୍ବଲ୍‌ପୁର୍ ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଅବ୍‌ସର୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୮ ତାରିଖ୍ ଦିନ ସମ୍ବଲ୍‌ପୁର୍ ଗସ୍ତ୍‌ଥି ଆସିକରି ମା ସମଲେଶ୍ୱରୀଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ନୂଆ ଖାଏବେ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ସି.ଏମ୍. କିଷାନ୍ ଯୋଜ୍‌ନାର୍ ଶୁଭାରମ୍ଭ ଆର୍ ଭିନ୍ ଭିନ୍ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ବଲି ଜନାପଡ଼ିଛେ । ଇଥିର୍‌ଲାଗି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଚୂଡ଼ାନ୍ତ ସୂଚୀ ତିଆର୍ କର୍‌ବାର୍ ସହେତେ ପ୍ରସ୍ତୁତି ଚଲେଇଛନ୍ ।

ବିଧାନ୍‌ସଭା- ଟାସ୍କଫୋର୍ସ ଗଠନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ କାମ୍ କରୁଥିବା ଡାକ୍ତର୍‌ମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ଟାସ୍କଫୋର୍ସ ଗଠନ୍ କରାଯାଇଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ କହିଛନ୍ । ବିଧାନ୍‌ସଭାଥି ଇ ବାବ୍‌ଦେ ମୁଲ୍‌ତବୀ ପ୍ରସ୍ତାବ୍

ଆଲୋଚନାର୍ ଉତର୍ ଦେଇକରି ସେ କହିଛନ୍ ଯେ, ଫି’ ମେଡ଼ିକାଲ୍ କଲେଜ୍ ପରିସରଥି ପୁଲିସ୍ ଆଉଟ୍‌ପୋଷ୍ଟ୍ ପ୍ରତିଷ୍ଠା କରାଯିବା । ମହିଳା ଆଉ ଶିଶୁ ଅପରାଧ୍ କ୍ଷେତ୍ରଥି ସର୍‌କାର୍ ଶୂନ୍ୟ ସହନଶୀଳ ନୀତି ଅପ୍‌ନଉଛନ୍ । ସେମାନ୍‌କର୍ କ୍ଷେତ୍ରଥି ଘଟୁଥିବା ଫି’ ଅପରାଧ୍‌ର ବିଚାର୍ ପ୍ରକ୍ରିୟାକେ ଜଲ୍‌ଦି କରାଯିବାର୍ ଉପ୍‌ରେ ସର୍‌କାର୍ ପଦକ୍ଷେପ୍ ନଉଛନ୍ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ ।

ଏମ୍ସରେ ୧୩୮୪ ପଦ ଖାଲି          ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଏମ୍ସ ନ ମୋଟ୍ ହଜାରେ ୩ ଶହ ୮୪ ଟା ପଦ୍‌ବୀ ଖାଲି ପଡ଼ିଛେ ବଲି କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ । ୩ ଶହ ୧୫ ଟା ଡାକ୍ତର୍ ପଦ୍‌ବୀ ଅନୁମୋଦିତ୍ ହେଇଥିବାର୍ ବେଲେ ସେଥୁ ୭୨ ଟା ଏଛେନ୍ ଭିଲ୍ ଖାଲି ପଡ଼ିଥିବାର୍ ଜନାପଡ଼ିଛେ । ସେନ୍ତା ଅଣଡାକ୍ତରୀ ପଦ୍‌ବୀ ଭିତ୍‌ରୁ ମଞ୍ଜୁରୀ ପ୍ରାପ୍ତ ୩ ହଜାର୍ ୯ ଶହ ୪ ନୁ ହଜାରେ ୩ ଶହ ୧୨ ଟା ପଦ୍‌ବୀ ଖାଲି ପଡ଼ିଛେ । ଏମ୍ସର ବର୍ହିବିଭାଗ୍‌କେ ଫି’ ଦିନ ପାଖାପାଖି ସାଢ଼େ ୩ ହଜାର୍ ରୋଗୀ ଚିକିତ୍ସା ଲାଗି ଆସୁଛନ୍ । ଚିକିତ୍ସା ଲାଗି ଏମ୍ସଥି ୯

ଶହ ୮୩ ଟା ଶଯ୍ୟାର୍ ବ୍ୟବସ୍ଥା ରହିଛେ ବଲି ମନ୍ତ୍ରୀ କହିଛନ୍ ।

## ପଶ୍ଚିମ ଓଡ଼ିଶା ଗୁରୁଦିବସ୍

ସମ୍ବଲ୍‌ପୁର୍/ ବୌଦ୍ଧ/ ସୁବର୍ଣ୍ଣପୁର୍/ କଲାହାଣ୍ଡି/ ବଲାଙ୍ଗିର୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାସ୍ତରୀୟ ଗୁରୁଦିବସ୍ ଉତ୍ସବ୍ ଆଉ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉତ୍ସବ୍‌ଥି ଶିକ୍ଷା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ପ୍ରାଥମିକ ଆଉ ମାଧ୍ୟମିକ ସ୍ତର୍‌ନୁ ଅବସର ନେଇଥିବା ୧୫ ଝନ୍ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସେନ୍ତା ବୌଦ୍ଧ ନ ଜିଲ୍ଲାସ୍ତରୀୟ ଗୁରୁଦିବସ୍ ଉତ୍ସବ୍ ଆଉ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ କଚ୍‌ରୀ ପଡ଼ିଆ ନ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭାଥି ଜିଲ୍ଲା ପରିଷଦ୍‌ର ଅଧ୍ୟକ୍ଷା ଶ୍ରୀମତୀ ପ୍ରଭାସିନୀ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଟାଉନ୍ ହଲ୍ ନ ହେଇଥିବା ଜିଲ୍ଲାସ୍ତରୀୟ ଗୁରୁଦିବସ୍ ଉତ୍ସବ୍ ଆଉ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହଥି ବଲାଙ୍ଗିର୍ ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓ ମୁଖ୍ୟଅତିଥି

ଭାବେ ଯୋଗ୍ ଦେଇକରି ଉତମ୍ ଶିକ୍ଷା ହିଁ ଗୁଟେ ସୁସ୍ଥ ସମାଜ୍ ଆଉ ସୁନ୍ଦର୍ ସଭ୍ୟତା ଗଠନ୍ କର୍‌ସି ବଲି କହିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କର୍ ଅଧକ୍ଷତାଥି ହେଇଥିବା ଇ ସଭାଥି ଜିଲ୍ଲାପାଲ୍ ଅନ୍ୟା ଦାସ ଉପ ଜିଲ୍ଲାପାଲ୍ ସୁରଜ୍ ପଟ୍ଟନାୟକ୍ ଆର୍ ଲଲାଟେନ୍ଦୁ ସିଂ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇକରି କୃତି ଶିକ୍ଷକ୍ ଆର୍ କୃତୀ ବିଦ୍ୟାର୍ଥୀମାନ୍‌କୁ ସମ୍ବର୍ଦ୍ଧିତ କରିଥିଲେ ।

କଲାହାଣ୍ଡି ଜିଲ୍ଲା ଶିକ୍ଷା ଆଉ ପ୍ରଶିକ୍ଷଣ ପ୍ରତିଷ୍ଠାନ୍ ପଡ଼ିଆ ନ ହେଇଥିବା ଜିଲ୍ଲାସ୍ତରୀୟ ଗୁରୁଦିବସ୍ ଉତ୍ସବ୍ ଆଉ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହଥି ସାଂସଦ୍ ମାଳବିକା ଦେବୀ, ଜିଲ୍ଲାପରିଷଦ୍ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବିଧାୟକ୍ କେପ୍‌ଟେନ୍ ଦିବ୍ୟଶଙ୍କର୍ ମିଶ୍ର, ଜିଲ୍ଲାପାଲ୍ ସଚିନ୍ ପାଓ୍ୱାର୍ ପ୍ରକାଶ୍ ଆଉ ଉପଜିଲ୍ଲାପାଲ୍ ବିଶ୍ୱଜିତ୍ ଦାସ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ସେନ୍ତା ବଲାଙ୍ଗିର୍ ବାଳକ ହାଇସ୍କୁଲ୍ ପଡ଼ିଆ ନ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାର୍ ୧୪ ଟା ବ୍ଲକ୍‌ନୁ ୧୬ ଶହ ଛାତ୍ରଛାତ୍ରୀଙ୍କୁ ଇଥି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଦିଆଯାଇଥିଲା । ସାଂସଦ୍ ସଂଗୀତା ସିଂହଦେଓ , ରାଜ୍ୟସଭା ସଦସ୍ୟ ନିରଞ୍ଜନ୍ ବିଶି ପ୍ରମୁଖ ଇଥି ଅତିଥି ଭାବେ ଯୋଗ୍ ଦେଇଥିଲେ ।

ଆଇଆଇଏମ୍ ସମ୍ବଲ୍‌ପୁର୍ ଗୁରୁଦିବସ୍      ସମ୍ବଲ୍‌ପୁର୍ ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ଗୁରୁଦିବସ୍ ଆଉ ଆନ୍ତର୍ଜାତୀୟ ସାକ୍ଷରତା ଦିବସ୍ ପାଲନ୍ ଅବ୍‌ସରେ ଦ୍ୱିତୀୟ ବାର୍ଷିକ ପୁସ୍ତକ୍ ମେଲା ଆୟୋଜିତ୍ ହେଇଛେ । ଆଇଆଇଏମ୍ ସମ୍ବଲ୍‌ପୁର୍‌ର ନିର୍ଦ୍ଦେଶକ ପ୍ରଫେସର୍ ମହାଦେବ୍ ଜୟସ୍‌ୱାଲ୍ ପୁସ୍ତକ୍ ମେଲାକେ ଉଦ୍‌ଘାଟନ୍ କରିଛନ୍ । ଇ ମେଲା ଆଏବା ୮ ତାରିଖ୍‌ତକ୍ ଚାଲ୍‌ବା ।

ବଜ୍ରପାତରେ ଓଡ଼ିଶା ଆଗରେ      ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗଲା ୫ ବଛର୍ ଭିତ୍‌ରେ ହଜାରେ ୬ ଶହ ୨୫ ଝନ୍‌କର୍ ଚଡ଼କ୍ ମରାଥି ଜୀବନ୍ ଯାଇଛେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଇ ବାବ୍‌ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ପୂଜାରୀ କହିଛନ୍ ଯେ, ଖଣିଜ ପଦାର୍ଥ ଅଏତ୍‌କା ଥିବା ରାଜ୍ୟ ନ ଅଏତ୍‌କା ଚଡ଼କ୍ ମାର୍‌ସି । ଅଲ୍‌ଗା ଜିଲ୍ଲାମାନ୍‌କର୍ ନୁ ମୟୁର୍‌ଭଞ୍ଜ୍, ସୁନ୍ଦର୍‌ଗଡ଼୍, ବାଲେଶ୍ୱର୍ ଆଉ କେନ୍ଦୁଝର୍ ନ ଅଏତ୍‌କା ଚଡ଼କ୍ ମାରୁଛେ । ଖାଲି ମୟୁର୍‌ଭଞ୍ଜ୍ ଜିଲ୍ଲା ନ ବଛର୍‌କ ପାଖାପାଖି ୭୨ ହଜାର୍ ଥର୍ ଚଡ଼କ୍ ମାରିଥିବାର୍

ଜନାପଡ଼ିଛେ । ଚଡ଼କ୍ ମାରିକରି ଜୀବନ୍ ଯାଇଥିବାର୍ ଲୋକ୍‌ମାନ୍‌କୁ ଅନୁକମ୍ପାମୂଲକ୍ ସାହାଜ୍ ଟଙ୍କା ବଢ଼୍‌ବାର୍ ବାବ୍‌ଦେ ସଦସ୍ୟମାନ୍‌କର୍ ପ୍ରସ୍ତାବ୍‌କେ ବିଚାର୍ କରାଯିବା ବଲି ଶ୍ରୀ ପୂଜାରୀ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଉତର୍ ଉପକୂଳ ଆନ୍ଧ୍ରପ୍ରଦେଶ୍ ଆଉ ଇତାର୍ ଆଖର୍ ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଥିବାର୍ ବେଲେ ପଶ୍ଚିମ କେନ୍ଦ୍ରୀୟ ଆଉ ଇତାକେ ଲାଗିକରି ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଏଜ୍ ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ସମ୍ଭାବ୍ୟ ଲଘୁଚାପ୍‌ର ପ୍ରଭାବ୍‌ଥି ଆଏଜ୍‌ନୁ ରାଏଜେ ବର୍ଷା ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏଜ୍ ୧୮ ଟା ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଇ ଜିଲ୍ଲାମାନ୍‌କେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।